# ପୁଣି ସେମାନେ ହସିଲେ

ନରସିଂହପୁର ଗାଁରେ କରିମ୍ ଓ କୃପାସିନ୍ଧୁର ଘର । ଦୁଇଜଣଙ୍କର ଘର ଖୁବ୍ ପାଖାପାଖି । ସକାଳୁ ଉଠିଲେ ମୁହଁ ଦେଖାଦେଖି । ବିପଦଆପଦରେ କାନ୍ଧକୁ କାନ୍ଧ ମିଳାଇ ଠିଆ ହୁଅନ୍ତି । ଯାନିଯାତ୍ରା ଓ ପୁନେଇଁ ପରବ ମିଳିମିଶି ପାଳନ୍ତି ।

କୃପାସିନ୍ଧୁର ଝିଅ ସୋମା । କରିମ୍‌ର ଝିଅ ହାସିନା । ଦୁହେଁ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ପାଖାପାଖି ବସନ୍ତି, ଏକାଠି ଖେଳନ୍ତି, ଏକାଠି ବୁଲନ୍ତି ।

5SZVIY



କରିମ୍ ନିଜ ଘରେ ପାଳିଥାଏ କିଛି କୁକୁଡ଼ା । କୃପାସିନ୍ଧୁ ସଉକିରେ ରଖିଥାଏ ଗୋଟିଏ କୁକୁର । ତା' ନାଁ କାଳିଆ । ବେଳ ପାଇଲେ କାଳିଆ କରିମ୍‌ର କୁକୁଡ଼ାରୁ ଗୋଟିଏ ଦୁଇଟା ଝାମ୍ପିନିଏ । ପ୍ରଥମେ ପ୍ରଥମେ କରିମ୍ କିଛି କହୁ ନ ଥିଲା । ହେଲେ ସିଏ କେତେ ସହିବ !

କୁକୁରଟିକୁ ଜବତ କରିବା ପାଇଁ କରିମ୍ କୃପାସିନ୍ଧୁକୁ ନେହୁରା ହେଲା ।

କୃପାସିନ୍ଧୁ ଏଥର କାଳିଆକୁ ଆଖିରେ ରଖିଲା । ହେଲେ କ'ଣ ହେବ ? ପ୍ରକୃତି ଛାଡୁଛି କେଉଁଠୁ ? ସୁଯୋଗ ଉଣ୍ଡି କାଳିଆ ଗୋଟେ ଦି'ଟା କୁକୁଡ଼ା ଝାମ୍ପି ନିଏ । କରିମ୍ ଏଥର ରାଗିଗଲା । କୁକୁରକୁ ପାନେ ଦେବ ବୋଲି ଛକି ରହିଲା । କାଳିଆ ଆଉ ଦିନେ କୁକୁଡ଼ା ଭାଡ଼ି ଉପରକୁ ଉଠିବା ବେଳକୁ କରିମ୍ ଦେଲା ପାହାରେ । କାଳିଆ କାଉଁକାଉଁ କରି ଧାଇଁଲା । ସେ ଛୋଟା ହୋଇଗଲା ।



ଏଥିରେ କୃପାସିନ୍ଧୁ ରାଗିଯାଇ କରିମ୍‌କୁ ଗାଳିଦେଲା । କରିମ୍ ମଧ୍ୟ କୃପାସିନ୍ଧୁକୁ ଗାଳିଦେଲା । କଜିଆ ବଢ଼ିଲା ।

ଏଣିକି ଦୁଇ ପରିବାର ଭିତରେ କଥାବାର୍ତ୍ତା ବନ୍ଦ । ହାସିନା ସାଙ୍ଗରେ ମିଶିବାକୁ କୃପାସିନ୍ଧୁ ସୋମାକୁ ମନା କରିଦେଲା । ସୋମା ଓ ହାସିନାଙ୍କ ଭିତରେ ମିଳାମିଶା, କଥାବାର୍ତ୍ତା ବନ୍ଦ ହୋଇଗଲା । ଏଥିରେ ସେମାନଙ୍କ ମନ ଭାରି ଦୁଃଖ । ଆଗପରି ମୁହଁରେ ନ ଥିଲା ହସ ।

ଦିନକର କଥା । ଖେଳଛୁଟିରେ ବିଦ୍ୟାଳୟ ପଛ ପାଖ ନଈକୂଳରେ ହାସିନା ବୁଲୁଛି, ହଠାତ୍ ଧପ୍ କରି ଗୋଟିଏ ଶବ୍ଦ ହେଲା । ହାସିନା ନଈକୂଳକୁ ଦୌଡ଼ିଲା । ଦେଖିଲା ସୋମା ପାଣିରେ ବୁଡୁଛି ଆଉ ଉଠୁଛି । ହାସିନାର ହାଲୁକ ଶୁଖିଗଲା । ହଠାତ୍ ତା' ଆଖିରେ ପଡ଼ିଲା ବରଗଛରେ ମାଡ଼ିଛି ଶିଆଳି ଲଟା । ସେଥିରୁ ଖଣ୍ଡେ ବଡ଼ ଲଟାକୁ ଦାନ୍ତରେ ଛିଡ଼ାଇ ପକାଇଲା । ଲଟାଖଣ୍ଡକୁ ସୋମା ଆଡ଼କୁ ପକାଇଦେଇ କହିଲା – "ସୋମା ୟା'କୁ ଧରିପକା" ।



ସୋମା ଲଟାଟିକୁ ଜୋର କରି ଧରିଲା । ହାସିନା ଲଟାଟିକୁ କୂଳ ଆଡ଼କୁ ଟାଣିଲା । ମଝିରେ ମଝିରେ ''ଦଉଡ଼ି ଆସ, ଦଉଡ଼ି ଆସ'' କହି ହାସିନା ପାଟି କରୁଥାଏ ।

ହାସିନାର ପାଟି ଶୁଣି କେତେଜଣ ପିଲାଙ୍କ ସହ ଗୁରୁଜୀ ସେଠାକୁ ଦୌଡ଼ି ଆସିଲେ । ହାସିନା ଲଟାଟିକୁ ଟାଣିଲାବେଳେ ଧଇଁସଇଁ ହେଉଥାଏ ; ତଥାପି ସେ ପ୍ରାଣପଣେ ଲଟାକୁ ଟାଣୁଥାଏ । ତା'ସହ ଗୁରୁଜୀ ଓ ପିଲାମାନେ ଲାଗିଗଲେ । ସୋମାକୁ କୂଳକୁ ଆଣିଲେ । ସେତେବେଳକୁ ସୋମା ପାଣି ପିଇଯାଇଥାଏ ।

ଖବର ପାଇ କୃପାସିନ୍ଧୁ ଓ କରିମ୍ ସେଠାକୁ ଆସିଲେ । ଗୁରୁଜୀ କହିଲେ - ''କୃପାସିନ୍ଧୁ, ତମେ ସୋମାକୁ ହାସିନା ସାଙ୍ଗରେ ମିଶିବାକୁ ମନା କରିଥିଲ । ଆଜି ସେଇ ହାସିନା ତମ ଝିଅକୁ ବଞ୍ଚାଇଲା ।''

କୃପାସିନ୍ଧୁର ମୁଣ୍ଡ ଲାଜରେ ନଇଁଗଲା । କୃପାସିନ୍ଧୁ କରିମ୍‌କୁ କହିଲା - "ଭାଇ, ମୋତେ କ୍ଷମା- କର । ହାସିନା ନ ଥିଲେ ମୁଁ ଆଜି ସୋମାକୁ ପାଇ ନ ଥାନ୍ତି ।" କରିମ୍ ଓ କୃପାସିନ୍ଧୁ କୋଳାକୋଳି ହେଲେ । ସୋମା ଓ ହାସିନାଙ୍କ ମୁହଁରେ ଫୁଟିଉଠିଲା ହସ ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଝାମ୍ପିନେବା, ଜବତ, ନେହୁରା, ଉଣ୍ଡିବା, ପ୍ରକୃତି ଛାଡ଼ିବା, ସୁଯୋଗ,

ପାନେଦେବା, କଜିଆ, ହାଲୁକ ଶୁଖିଯିବା ।

### ଶିକ୍ଷକଙ୍କପାଇଁ ସୂଚନା

- ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଆମେ ଏକ, ଏ କଥା ପିଲାଙ୍କୁ ବୁଝାଇବେ ।
- ପରସ୍ପର ପ୍ରତି ସଦ୍‌ଭାବନା ପୋଷଣ କରିବାର ଉପଯୋଗିତା ବିଷୟରେ ଧାରଣା ଦେବେ ।




୧. ଗପଟି ପଢ଼ିସାରିବା ପରେ ଚିତ୍ରଗୁଡ଼ିକ ତଳେ ୧, ୨, ୩, ୪, ୫ ସଂଖ୍ୟା ଲେଖି ଆଗ ପଛ କରି ସଜାଅ । ପ୍ରତି ଚିତ୍ରକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଲେଖ ।






୨. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।



(କ) କରିମ୍ ଓ କୃପାସିନ୍ଧୁଙ୍କ ଘର କେଉଁ ଗାଁରେ ?

(ଖ) ସୋମା ଓ ହାସିନା କେଉଁଠାରେ ପଢୁଥିଲେ ?

(ଗ) କରିମ୍‌ର କୁକୁଡ଼ାକୁ କିଏ ଖାଇଲା ?

(ଘ) କରିମ୍ ଓ କୃପାସିନ୍ଧୁ ମଧ୍ୟରେ କାହିଁକି କଜିଆ ଲାଗିଲା ?

(ଙ) ସୋମା ଓ ହାସିନା ପୂର୍ବପରି କଥାବାର୍ତ୍ତା ହେଲେ ନାହିଁ କାହିଁକି ?

(ଚ) ସୋମାକୁ କିଏ ରକ୍ଷା କଲା ?

(ଛ) କେଉଁମାନଙ୍କ ମୁହଁରେ ହସ ଫୁଟି ଉଠିଲା ?

୩. ଆସ, ଏଗୁଡ଼ିକର ଅର୍ଥ ପାଖ କୋଠରି ମଧ୍ୟରୁ ଖୋଜି ତା' ପାଖରେ ଲେଖିବା ।

(କ) କାନ୍ଧକୁ କାନ୍ଧ ମିଳାଇ ଠିଆ ହୁଅନ୍ତି

_______________

(ଖ) ପ୍ରକୃତି ଛାଡ଼ୁଛି କେଉଁଠୁ

_______________

(ଗ) ହାଲୁକ ଶୁଖିଗଲା

_______________

| |
|---|
| ଭୟ ପାଇବା,<br>ଅଭ୍ୟାସ ନ ବଦଳାଇବା,<br>କ'ଣ କରିବାକୁ ହେବ ଜାଣି ନ ପାରିବା,<br>କାନ୍ଧକୁ କାନ୍ଧ ଯୋଡ଼ିବା,<br>ଏକ ହୋଇ କାମ କରିବା । |

୪. ତୁମ ଗାଁ' ବିଷୟରେ ପାଞ୍ଚଟି ବାକ୍ୟ ଲେଖ ।

_______________

_______________

_______________

_______________

୫. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଢ଼ି ସେଗୁଡ଼ିକୁ ପଢ଼ିବା ।

| |
|---|
| ମୁହଁ ଦେଖାଦେଖି, ଆଖିରେ ରଖିବା, ଆଖିରେ ପଡ଼ିବା, ଲାଜରେ ମୁଣ୍ଡ ନଇଁ ପଡ଼ିବା । |

_______________

_______________

_______________

_______________

୬. ଅର୍ଥ ଅନୁସାରେ  କେଉଁ ଆମ୍ବଟି କେଉଁ ପିଲା ପାଇବା ଉଚିତ, ତାହା ଗାର ଟାଣି ଦେଖାଇବା ।



୭. 'ଧଇଁସଇଁ' ପରି ଆଉ ଦୁଇଟି ଶବ୍ଦ ଲେଖ – ____________ ____________

୮. କ'ଣ କରିବା ଦୁଇ ଧାଡ଼ିରେ ଲେଖ ।

(କ) ତୁମ ସାଙ୍ଗର ଜାମାରେ ନିଆଁ ଲାଗିଗଲେ –

______________________________________________

______________________________________________

(ଖ) ତୁମ ସାନ ଭଉଣୀ ହଠାତ୍ ତଳେ ପଡ଼ିଯିବାରୁ ତା'ର ମୁଣ୍ଡ ଫାଟି ରକ୍ତ ବହିଲେ –

______________________________________________

______________________________________________

୯. 'ପାନେ ଦେବା'ର ଅର୍ଥ ନିମ୍ନରେ ଦିଆଯାଇଥିବା ଅର୍ଥ ମଧ୍ୟରୁ କେଉଁଟି ଠିକ ? ପାଖ ଘରେ ଠିକ (√) ଚିହ୍ନ ଦିଅ ।

(କ) ଦଣ୍ଡ ଦେବା ☐

(ଖ) ଉଚିତ ଶିକ୍ଷା ଦେବା ☐

(ଗ) ପାନ ଖଣ୍ଡେ ଦେବା ☐

୧୦. ତଳ ଚିତ୍ରରେ ରଙ୍ଗ ଦିଅ ।

